# Akashvani, Sambalpur

## SAMBALPURI NEWS EVENING BULLETIN

## 27 August 2026-7.02- 7.12 pm.

---

୧- କ୍ରୀଡ଼ା କ୍ଷେତ୍ରକେ ଖାଲି ପଦକ୍ ଜିତ୍‌ବାର୍‌ଥି ସିମିତ୍ ନାଇଁ ରଖିକରି ବିକଶିତ୍ ଭାରତ୍ ସପନ୍ ପୁରା କର୍‌ବାର୍ ଲାଗି ଖେଲାଳି ଆଉ ଯୁବବର୍ଗଙ୍କୁ ଆହ୍ୱାନ୍ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଗଞ୍ଜାମ୍ ଜିଲ୍ଲା ନ ସ୍ଥାନୀୟ ଲୁକ୍‌କର୍ ଲାଗି ପୁନର୍ବାସ୍ ଆଉ ଥଇଥାନ୍ ପେକେଜ୍ ବାଂଟ୍‌ଲେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟର୍ ସହର୍‌ନୁ ଗାଁତକ୍ ସବୁନ ପାଲିତ୍ ହେଇଛେ ପବିତ୍ର ରାକ୍ଷୀପୁନି ।

ଆଉର୍

୪- ରାକ୍ଷୀପୁନି ଅବ୍‌ସରେ ରାଜ୍ୟ ସର୍‌କାର୍ ଆଏବା କାଏଲ୍ ଦେବେ ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି ।

ଖେଲୋ ଇଣ୍ଡିଆ

ଆର୍‌ଏନ୍‌ୟୁ/ କଟକ୍/ ସମ୍ବଲପୁର/ ବୌଦ୍ଧ/ ସୋନ୍‌ପୁର୍/ ବର୍‌ଗଡ଼୍/ ନୂଆପଡ଼ା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍, ଭାରତ୍ ନ ଏକବିଂଶ ଶତାବ୍ଦୀଥି ଗୁଟେ ଆଧୁନିକ୍ କ୍ରୀଡ଼ା ଇକୋ ସିଷ୍ଟମ୍ ତିଆର୍ କର୍‌ବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ । ଖେଲୋଇଣ୍ଡିଆ ବାର୍ତ୍ତାଳାପ୍‌କେ ଆଏଜ୍ ଆଭାସୀ ଜରିଏ ସମ୍ବୋଧନ୍ କରିକରି ଶ୍ରୀ ମୋଦୀ କହିଛନ୍, ବିଶ୍ୱବିଦ୍ୟାଳୟନୁ ମୁଲ୍ କରିକରି ଆଧୁନିକ୍ ତାଲିମ୍ କେନ୍ଦ୍ରତକ୍ ସାରା ଦେଶେ ଇ ଇକୋ ସିଷ୍ଟମ୍ ବିକଶିତ୍ ହେଉଛେ । ଫିଂ' ଖେପେ ପ୍ରତିଭା ମାନ୍‌କୁ ସହଯୋଗ୍ ଦେବାର୍ ଲାଗି ସର୍‌କାର୍ ଚେଷ୍ଟା କରୁଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍, କ୍ରୀଡ଼ା କ୍ଷେତ୍ରକେ ଖାଲି ପଦକ୍ ଜିତ୍‌ବାର୍ ଭିତ୍‌ରେ ସିମିତ୍ ନାଇଁ ରଖିକରି ବିକଶିତ୍ ଭାରତ୍ ସପନ୍ ପୁରା କର୍‌ବାର୍ ଲକ୍ଷ୍ୟଥି ଦକ୍ଷ କ୍ରୀଡ଼ାବିତ୍ ଆଉ ଯୁବବର୍ଗଙ୍କୁ ଏକ୍‌ଠାନିଆ କର୍‌ବାର୍ ସର୍‌କାର୍‌ଙ୍କର୍ ଚେଷ୍ଟାର୍ ମୁଲ୍ ଉଦ୍ଦେଶ୍ୟ ଆଏ ।

(ଭଏସ୍ ଓଭର୍- ପିଏମ୍ ଇକୋ ସିଷ୍ଟମ୍)

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଭାରତ୍ ନ କ୍ରୀଡ଼ା ଗୁଟେ ବୃତି ହେଇପାରିଛେ । ଏନ୍ତା କାର୍ଯ୍ୟକ୍ରମ୍ କ୍ରୀଡ଼ା ଦୃଷ୍ଟିକୋଣ୍‌କେ ଗୁଟେ ନୂଆଁ ଦିଗ୍‌ଦର୍ଶନ୍ ଦେବା ବଲି ସେ ଆଶ୍ କରିଛନ୍ । ଖେଲ୍ ଲାଗି ଆଗ୍ରହୀ ଥିବା ଛୁଆମାନ୍‌କର୍ ନ ଧ୍ୟାନ୍ କେନ୍ଦ୍ରୀଭୂତ୍ କର୍‌ବାର୍ ସହେତେ ସେମାନ୍‌କୁ ପ୍ରୋତ୍ସାହନ୍ ଦେବାର୍ ଉପ୍‌ରେ ଶ୍ରୀ ମୋଦୀ ଜୋର୍ ଦେଇଛନ୍ ।

ଇଥିର୍‌ଲାଗି ସର୍‌କାର୍ ସବୁ ପ୍ରକାର୍ ସମର୍ଥନ୍ କର୍‌ବେ ବଲି ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଯୁବବ୍ୟାପାର୍ ଆଉ କ୍ରୀଡ଼ାମନ୍ତ୍ରୀ ଡକ୍ଟର୍ ମନ୍‌ସୁଖ୍ ମାଣ୍ଡଭିୟ କହିଛନ୍, ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ସର୍‌କାର୍ କ୍ରୀଡ଼ା କ୍ଷେତ୍ରକେ ଜାତୀୟ ପ୍ରାଥମିକତା ଭାବେ ଜୋର୍ ଦଉଛନ୍ । ମେରା ଯୁବା ଭାରତ୍ ତର୍‌ଫୁ ଜାତୀୟ କ୍ରୀଡ଼ା ଦିବସ୍ -୨୦୨୬ ର ଅଂଶ ହିସାବେ ଆଏଜ୍ ଇ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଛେ । ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍‌କର୍ ଫି' ଜିଲ୍ଲାର୍ ୨ ଟା ମହାବିଦ୍ୟାଳୟର୍ ବିଦ୍ୟାର୍ଥୀ ଇଥି ଭାଗ୍ ନେଇଥିଲେ ।

ଆଇଆଇଏମ୍ ସମ୍ବଲ୍‌ପୁର୍ ଆଉ ମହିଳା ମହାବିଦ୍ୟାଳୟ ପରିସର୍ ନ ଖେଲୋ ଇଣ୍ଡିଆ ସମ୍ବାଦ୍ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ବୌଦ୍ଧ ଜିଲ୍ଲା ବାଉଁଶୁଣି ମା ମାହେଶ୍ୱରୀ ମହାବିଦ୍ୟାଳୟ ନ ଖେଲୋ ଇଣ୍ଡିଆ ସମ୍ବାଦ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ସୋନ୍‌ପୁର୍ ମହାବିଦ୍ୟାଳୟ ନ ଛାତ୍ରଛାତ୍ରୀ, ଯୁବବର୍ଗ ଆଉ କ୍ରୀଡ଼ାପ୍ରେମୀମାନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଖେଲୋ ଇଣ୍ଡିଆ ସମ୍ବାଦ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇଥିଲେ । ଶୃଙ୍ଖଳା, ନେତୃତ୍ୱ, ଆତ୍ମବିଶ୍ୱାସ୍ ଆଉ ଦଳଗତ ମନୋଭାବ୍‌କେ କ୍ରୀଡ଼ା ବିକଶିତ୍ କର୍‌ସି ବଲି କାର୍ଯ୍ୟକ୍ରମ୍‌ଥି ଆଲୋଚନା ହେଇଥିଲା ।

ବର୍‌ଗଡ୍ ଜିଲ୍ଲା ଦଧିବାମନ ମହାବିଦ୍ୟାଳୟ ନ କାର୍ଯ୍ୟକ୍ରମ୍ ହେଇଯାଇଛେ । ୨୦୩୬ ମସିହାଥି ହେବାର୍‌କେ ଥିବା ଅଲମ୍ପିକ୍ ପ୍ରତିଯୋଗିତା ଲାଗି ଭାରତ୍‌ର ଯୁବବର୍ଗ ଆଗ୍ରହ ଦେଖେଇକରି ଭାରତ୍‌ର ଗୌରବ୍ ବଢ଼ାବାର୍ ଦିଗେ ଆଗ୍‌କେ ଆସ୍‌ବାର୍‌କେ ବକ୍ତାମାନେ ଆହ୍ୱାନ୍ ଦେଇଛନ୍ । ନୂଆପଡ଼ା ନେସ୍‌ନାଲ୍ କଲେଜ୍ ସମ୍ମିଳନୀ କକ୍ଷ ନ ଇ କାର୍ଯ୍ୟକ୍ରମ୍ ହେଇଯାଇଛେ । ମେଜର୍ ଧ୍ୟାନ୍‌ଚାନ୍ଦଙ୍କୁ ସୋର୍ ପକେଇକରି ଯୁବାଶକ୍ତି ସଶକ୍ତ ଆଉ ନିଶାମୁକ୍ତ ହେବାର୍‌କେ ଅତିଥି ମାନେ ଆହ୍ୱାନ୍ ଦେଇଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଜୟପ୍ରକାଶ୍ ସାନ୍ଧ୍ୟ ଡିଗ୍ରୀ କଲେଜ୍ ନ ଇ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି

ମହାବିଦ୍ୟାଲୟର୍ ୨ ଶହ ୨୦ ଝନ୍ ଛାତ୍ରଛାତ୍ରୀ ସାମିଲ୍ ହେଇଥିଲେ ।

ମୁଖ୍ୟମନ୍ତ୍ରୀ ଜମି ପଟ୍ଟା ବଂଟନ୍ ଗଞ୍ଜାମ୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନ୍‌କିଆ ଗଞ୍ଜାମ୍ ଜିଲ୍ଲା ଗସ୍ତଥି ଯାଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଗୋଳାବନ୍ଧ ଇଲାକାର୍ ୧ ହଜାର୍ ୩ ଶହ ୭୧ ବିସ୍ଥାପିତ୍ ପରିବାର୍ ଲାଗି ୭୫ କୋଟି ୬୦ ଲାଖ୍ ଟଙ୍କାର୍ ପୁନର୍ବାସ୍ ପେକେଜ୍‌କେ ଶୁଭାରମ୍ଭ କରିଛନ୍ । ଯେନ୍‌ଥି ପରିବାର୍ ପିଛା ୫ ଲାଖ୍ ଟଙ୍କା କ୍ଷତିପୂରଣ୍ ଆଉ ଘର୍ ତିଆର୍ ସାହାଜ୍ ରହିଛେ । ଇତାର୍‌ସହେତେ ଛେଲିଗଡ୍ ଜଲ୍‌ସେଚନ୍ ପ୍ରକଳ୍ପର୍ ୯୬ ବିସ୍ଥାପିତ୍ ପରିବାର୍‌ଙ୍କୁ ଆଏଜ୍ ଘର୍‌ବାରି ଆଉ ଚାଷ୍ ଜମିନ୍ ପଟ୍ଟା ବଂଟାଯାଇଛେ ।

ସ୍ଥାନୀୟ ଲୁକ୍‌କର୍ ଆର୍ଥିକ୍ ଉନ୍ନତି ଆଉ ନିଜସ୍ୱ ସମ୍ବଲ୍‌କେ ବର୍‌କସ୍ କର୍‌ବାର୍ ଲାଗି ସର୍‌କାର୍ ପ୍ରାଥମିକତା ଦଉଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଫୁଟ୍‌ବଲ୍ ଖେଳାଳି ସୁରକ୍ଷିତ୍ ଆର୍‌ଏନ୍‌ୟୁ/ କଟକ୍

ନେପାଲ୍‌ର ପୋଖରା ଠାନେ ଖେଲ୍‌ବାର୍ ଲାଗି ଯାଇଥିବା ରାଜ୍ୟର୍ ୬ ଝନ୍ ଫୁଟ୍‌ବଲ୍ ଖେଲାଲି ସୁରକ୍ଷିତ୍ ଅଛନ୍ । ସେନର ଆକସ୍ମିକ୍ ବନ୍ୟାଥି ସେମାନ୍‌କର୍ କିଛି କ୍ଷୟକ୍ଷତି ନାଇଁ ହେଇ ବଲି ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସୂଚ୍‌ନା ଦେଇଛନ୍ । ସେମାନ୍‌କୁ ରାଜ୍ୟକେ ସୁରକ୍ଷିତ୍ ଫିରେଇ ଆନ୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ପଦକ୍ଷେପ୍ ନିଆଯାଉଛେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

(ଭଏସ୍ ଓଭର- ସୂର୍ଯ୍ୟବଂଶୀ ସୂରଜ୍)

ଗହ୍ଣାପୁନି, ରାକ୍ଷୀପୁନି /ଆର୍‌ଏନ୍‌ୟୁ ସମ୍ବଲପୁର/ ସୁବର୍ଣ୍ଣପୁର୍/ ବୌଦ୍ଧ/ ପୁରୀ

ଭାଏ ବହେନ୍‌କର୍ ଭିତ୍‌ରେ ସ୍ନେହ ଆଉ ବନ୍ଧନ୍‌ର ପରବ୍ ରାକ୍ଷୀ ପୁନି ଆଏଜ୍ ପାଲନ୍ କରାଯାଇଛେ । ବହେନ୍‌ମାନେ ଭାଏ ମାନ୍‌କର୍ ମଙ୍ଗଲ୍ ମନାସି କରି ତାଙ୍କର୍ ହାତେ ରାକ୍ଷୀ ବାନ୍ଧ୍‌ସନ୍ । ଇତାର୍‌ଛଡ଼ା ଗାଁଗହଲ୍‌ନ ଗହ୍ମାପୁନି ଅବ୍‌ସରେ ଗାଇଗୋରୁଙ୍କର୍ ପୂଜା ଅର୍ଚ୍ଚନା କରାଯାଇଛେ ।

ଗହ୍ମାପୁନି ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ସୁଦର୍ଶନ୍ ଠାକୁରଙ୍କର୍ ବିଜେ ନୀତି ସହେତେ ବଳଭଦ୍ର ଜନ୍ମ ଆଉ ମହାପ୍ରଭୁଙ୍କୁ ରାକ୍ଷୀ ଲାଗି ନୀତି ଆଏବା କାଏଲ୍ କରାଯିବା । ଶ୍ରୀମନ୍ଦିର୍ ନ ଉଦୟ ପର୍ବ ଅନ୍‌ସାରେ ତିଥି ବାର ପାଲନ୍ କର୍‌ବାର୍ ବିଧି ଥିବାର୍‌ନୁ ରାକ୍ଷୀପୁନି ଆଏବା କାଏଲ୍ ପାଲନ୍ କରାଯିବା ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ପବିତ୍ର ରାକ୍ଷୀପୁନି ଅବ୍‌ସରେ ଇ ଦିନ୍ ସମ୍‌କର୍ ଜୀବନ୍‌ଥି ସୁଖ୍, ସମୃଦ୍ଧି ଆଉ ଖୁସି ଭରିଦଉ ବଲି କାମନା କରିଛନ୍ । ଭାଏ ବହେନ୍‌ର ପବିତ୍ର ପ୍ରେମ୍, ବିଶ୍ୱାସ୍‌ର ପ୍ରତୀକ ରାକ୍ଷୀ ପୁନି ଅବ୍‌ସରେ ରାଜ୍ୟପାଲ୍, ସମ୍‌କୁ ଅଭିନନ୍ଦନ୍ ଆଉ ଶୁଭେଚ୍ଛା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ସମ୍‌କୁ ଖାସ୍‌କରି ବହେନ୍‌ମାନ୍‌କୁ ଆନ୍ତରିକ୍ ଶୁଭେଚ୍ଛା ଜନେଇଛନ୍ ।

ପବିତ୍ର ଗହ୍ମାପୁନି ଆଉ ରାକ୍ଷୀ ଆଏଜ୍ ସୁବର୍ଣ୍ଣପୁର୍ ନ ଜିଲ୍ଲା ନ ଉସ୍‌ନାକିର୍ ସହେତେ ପାଲିତ୍ ହେଇଯାଇଛେ । ଆଏବା କାଏଲ୍ ମହାନଦୀ ଖଁଡ଼ିର୍ ଭଜ୍‌ବଲ୍‌ପୁର୍ ଗାଁ ନ ପ୍ରଭୁ ବଳଦେବଙ୍କର୍ ଜନ୍ମୋତ୍ସବ୍ ପାଲିତ୍ ହେବାର୍‌କେ ଥିବାର୍ ବେଳେ ଜିଲ୍ଲାର୍ ସୁବଳୟା ଗାଁ ନ ପ୍ରସିଦ୍ଧ ଝୁଲଣ୍ ଯାତ୍ରା ଚାଲିଛେ ।

ଗଛ୍ ଆମର୍ ଭାଇ, ଇତାର୍ ରକ୍ଷା କର୍‌ବାର୍ ଆମର୍ କର୍ତବ୍ୟ ବାର୍ତା ନେଇକରି ପବିତ୍ର ରକ୍ଷା ବନ୍ଧନ୍ ଅବ୍‌ସରେ ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ବୃକ୍ଷ ରକ୍ଷାବନ୍ଧନ୍ ଉତ୍ସବ୍ ଆୟୋଜିତ୍ ହେଇଛେ । ବୌଦ୍ଧ ପଂଚାୟତ୍ ମହାବିଦ୍ୟାଳୟ ପରିସର୍ ନ ଗଲା ୩୧ ବଛର୍ ହେଲା ଇ କାର୍ଯ୍ୟକ୍ରମ୍ କରାଯାଉଛେ ।

ସୁଭଦ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାକ୍ଷୀପୁନି ଅବ୍‌ସରେ ଆଏବାକାଏଲ୍ ନୟାଗଡ଼୍ ଜିଲ୍ଲା ନ ହେବାର୍‌କେ ଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି ଦିଆଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ହିତାଧିକାରୀମାନ୍‌କୁ ସୁଭଦ୍ରା ଯୋଜ୍‌ନାର୍ ସାହାଜ୍ ଟଙ୍କା ହସ୍ତାନ୍ତର୍ କର୍‌ବେ । ଇ ଖେପେ ୧ କୋଟି ୩ ଲାଖ୍ ୨୬

ହଜାର୍ ୨ ଶହ ୬୨ ଜନ୍ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜ୍‌ନାର୍ ସାହାଜ୍ ଟଙ୍କା ଦିଆଯିବା । ଇ ବାବ୍‌ଦେ ୫ ହଜାର୍ ଶହେ ୬୦ କୋଟି ନୁ ଅଏତ୍‌କା ଟଙ୍କା ପ୍ରତ୍ୟକ୍ଷ ହସ୍ତାନ୍ତର୍ ସୁବିଧା ଜରିଏ ହିତାଧିକାରୀମାନ୍‌କର୍ ବେଙ୍କ୍ ଖାତାକେ ଦିଆଯିବା ।

ରାକ୍ଷୀପୁନି -ଦେୟମୁକ୍ତ ଯାତ୍ରା ଆଇ.ଆଣ୍ଡ୍.ପି.ଆର୍

ରାକ୍ଷୀପୁନି ଅବ୍‌ସରେ ଆଏଜ୍ ଆମ ବସ୍‌ଥି ମାହାଲିଆ ଯାତ୍ରା ବ୍ୟବସ୍ଥା କରାଯାଇଛେ । କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ୍ ସିଦ୍ଧିକ୍ ଆଲାର୍ କହିଛନ୍, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନିର୍ଦ୍ଦେଶ୍‌ଥି ଇ ନିଷ୍ପତି ନିଆଯାଇଛେ । ଭୁବ୍‌ନେଶ୍ୱର୍, କଟକ୍, ପୁରୀ, ସମ୍ବଲ୍‌ପୁର୍, ରାଉର୍‌କେଲା, ବ୍ରହ୍ମପୁର୍ ଆଉ କେନ୍ଦୁଝର୍ ନ ଚାଲୁଥିବା ଆମ ବସ୍ ମାନ୍‌କେ ମହିଳା ଯାତ୍ରୀମାନ୍‌କୁ ଇ ସୁବିଧା ଦିଆଯାଇଛେ ।

ବିଶ୍ୱ ହ୍ରଦ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ପରିବେଶ୍ ସନ୍ତୁଲନ୍ ଦିଗେ ହ୍ରଦ ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକାକେ ସ୍ୱୀକୃତି ଦେବାର୍ ଲକ୍ଷ୍ୟ ନେଇକରି ଆଏଜ୍ ବିଶ୍ୱ ହ୍ରଦ ଦିବସ୍ ପାଲନ୍ କରାଯାଉଛେ । ଜୈବ ବିବିଧତା ବଜାୟ ରଖ୍‌ବାର୍ ଆଉ ପ୍ରାଣୀସମ୍ପଦ୍‌କେ ପ୍ରାକୃତିକ୍ ରହେବାର୍ ଜାଗା ଦେବାର୍‌ଥି ହ୍ରଦର୍ ବଡ଼୍ ଭୂମିକା ରହିଛେ । ପୁର୍‌ଥି ନ ଶହେ ୧୭ ନିୟୁତ୍ ନୁ ଅଏତ୍‌କା ହ୍ରଦ ରହିଛେ । ଇଟା ପୁର୍‌ଥିର୍ ସ୍ଥଲ୍‌ଭାଗ୍‌ର ୪ ଭାଗ୍ ଆଏ । ଆମେରିକାର୍ ସୁପିରିୟର୍ ହ୍ରଦ ପୁର୍‌ଥିର୍ ସବୁନୁ ବଡ଼ ମଧୁର ପାଏନ୍ ହ୍ରଦ ଆଏ । ଓଡ଼ିଶାର୍ ଚିଲିକା, ଏସିଆର୍ ସବୁନୁ ବଡ଼ ଲୁଣି ହ୍ରଦ ଆଉ ପୁର୍‌ଥିର୍ ୨ ନମ୍ବର୍ ବଡ଼ ହ୍ରଦର୍ ମାଏନ୍‌ତା ପାଇଛେ । ୨୦୨୪ ମସିହାଥି ଜାତିସଂଘ ଅଗଷ୍ଟ ୨୭ ତାରିଖ୍‌କେ ଇ ଦିବସ୍ ପାଲନ୍ ଲାଗି ନିଷ୍ପତି ନେଇଥିଲା । ଗଲାବଛର୍ ପହେଲାଥର୍ ଲାଗି ଇ ଦିବସ୍ ପାଲନ୍ କରାଯାଇଥିଲା ।

ପାଣିପାଗ/ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ ର ପ୍ରଭାବ୍ଥି ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ଦକ୍ଷିଣ ଆଉ ପଶ୍ଚିମ ଜିଲ୍ଲାମାନ୍କେ ବର୍ଷା ହେବା ବଲି ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବାକାଏଲ୍ ମୟୁର୍ଭଞ୍ଜ୍ ଆର୍ କେନ୍ଦୁଝର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ । ଗଲା ୨୪ ଘଂଟା ଭିତ୍ରେ କଲାହାଣ୍ଡି ଜିଲ୍ଲାର୍ ଥୁଆମୁଲ୍ ରାମ୍ପୁର୍ ନ ସବୁନୁ ଅଏତ୍କା ୮୫ ମିଲିମିଟର୍ ବର୍ଷା ରେକର୍ଡ୍ ହେଇଥିବା ପାଣିପାଗ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଲିଛେ ।

ଇତାର୍ ଉତ୍ରୁ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ଅଛେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ ଆକଲନ୍ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ଆଏଜ୍ ସଞ୍ଝର୍ ୬ ବଜେତକ୍ ୬ ଶହ ୨୪ ଦଶ୍ମିକ୍ ଶୂନ/୮ ଫୁଟ୍ ରହିଥିଲା । ଇ ସମିଆଥି ଡେମ୍ର ୧୨ ଟା ଗେଟ୍ ଖୁଲାଯାଇଛେ ।